# କୁଡୁମୀର ଆତ୍ମବିଳାପ

ହେମନ୍ତ କୁମାର ମହାନ୍ତ (ଶିକ୍ଷକ)

ସମୃଦ୍ଧ ଐତିହ ପରମ୍ପରା ଆଉ
ସୁ ସଂସ୍କୃତି ପାଇଁ ସିନା,

ଦେଶ ଆଉ ଜାତି ସମୃଦ୍ଧ ହୁଅଇ
ମହାନ୍‌ରେ ହୁଏ ଗଣା ।

ହୀନମନ୍ୟତାର ଇତିହାସେ ଅବା
ସ୍ୱାର୍ଥକୁ ଆପଣା କରି,

ସ୍ୱାର୍ଥନ୍ୱେଷି ଗଣ କୁଡୁମୀ ଜାତିକୁ
ଦେଲେ ଭାଗ ଭାଗ କରି ।

'କ୍ଷତ୍ରୀ' ଧ୍ୱଜା ତଳେ ଆଶ୍ରିତ ହୋଇ
ନିଜକୁ କ୍ଷତ୍ରୀୟ ମାନି,

କ୍ଷତ୍ରୀୟତ୍ୱ ପାଇଁ ପ୍ରମାଣ ବାଢନ୍ତି
କେତେ କେତେ ଗୁଣି ଜ୍ଞାନୀ ।

'ଜନଜାତି' ଧ୍ୱଜା ତଳେ କିଛି ଭାଇ
ଛନ୍ତି ଆଶ୍ରିତ ହୋଇ

'ଜନଜାତି' ବୋଲିଦାବି କରୁଛନ୍ତି
ପ୍ରମାଣ ସାଙ୍ଗରେ ନେଇ ।

ସଂଗଠିତ ଜାତି ଦୁଇ ଗୋଷ୍ଠୀ ହୋଇ
ହୋଇବ ନିଶ୍ଚେ ଦୁର୍ବଳ

ବିଭାଜନକାରୀ ଅବଶେଷେ ଅବା
ଲଭିବ ସତେ ସଫଳ ।

କାହା ରାଜନୀତି ଅବା କୁଟନୀତି
ଏବେ ଜଣା ପଡୁ ନାହିଁ,

ରହସ୍ୟ ଖୋଲିବ ନିଶ୍ଚେ ଦିନେ ଏହା
ରହିଥିବ ଭାଇ ଚାହିଁ ।

ରାଷ୍ଟ୍ରୀୟତ୍ୱ ଆଉ ହିନ୍ଦୁତ୍ୱ ବିରୋଧି
ତତ୍ତ୍ୱ ମାନଙ୍କ ପାଇଁ,

ହିମାଳୟ ସାଜି ପଥ ଓଗାଳିଛି
ସର୍ବଦା କୁଡୁମି ଭାଇ ।

ମୋଗଲ ପଠାଣ ଶକ୍ ଆଉ ହୁନ
ଇଂରେଜ ଫରାସୀ ଜାତି,

''ଆତ୍ମ ସ୍ୱଭିମାନ'' କୁଡୁମି ଜାତିଠୁ
ନେଇ ପାରି ନାହିଁ ଲୁଟି ।

ହୀନମନ୍ୟତାଠୁଁ ବହୁ ଦୂରେ ଥାଏ
ବାହୁ ବଳେ ଆଶ୍ରା କରି,

ପରାଶ୍ରୟ କେବେ ଜୀଇଁ ନାହିଁ ଜାତି
ଗତ ଯୁଗ ଯୁଗ ଧରି ।

ଯେଉଁ ଜାତି କଳା ସତୀତ୍ୱର ଲାଗି
କରେ ଆତ୍ମ ବିସର୍ଜନ,

ସେ ଜାତି କିପରି ଜନଜାତି ହେବ
କୁହ ହେ ବିଜ୍ଞଜନ ।

ନିଜ ପରମ୍ପରା ମୁକ ସାଖୀ ହୋଇ
ରହିଛି ଆମ ପାଖରେ,

'ନାହି' କଟା ପାଇଁ ଅଛି କାର ଧାଈ
କୁହ ଏ ଦେଶ ଭିତରେ ।

ଅଖଣ୍ଡ ଭାରତ କୁଡୁମୀର ସ୍ୱପ୍ନ
ଗାନ୍ଧୀ କଲେ ଚୁରମାର,

ସେହିଦିନଠାରୁ ଗାନ୍ଧୀଙ୍କ ଦଳକୁ
କୁଡୁମି କଲେ ଜୁହାର ।

ରାଷ୍ଟ୍ରହିତ ଆଉ ହିନ୍ଦୁତ୍ୱର ବାଣୀ
କହୁଅଛି ଯେଉଁ ଦଳ

ସ୍ୱତପୁର୍ତ୍ତ ଭାବେ ସକଳ କୁଡୁମି
ସେହିଠାରେ ଏକ ମେଳ ।

ଭାରତ ବର୍ଷରେ ବହୁ ଜନଜାତି
ରହିଛନ୍ତି ପରା ପୁରି,

ଏଭଳି ସୁଗୁଣ କାହା ପାଖେ ଅଛି
କହି ଦିଅ ନାମ ଧରି ।

ଉଠ ଉଠ ଜାଗ ଜାଗରେ କୁଡୁମି
ହୀନମନ୍ୟତାକୁ ତେଜ,

ଆତ୍ମସ୍ୱଭିମାନୀ ସ୍ୱାବଲମ୍ବି ହେଲେ
କେଉଁଠି ନମିଳେ ଲାଜ ।

ଖଜିରାପାଟ, ଉଦୟପୁର, କେନ୍ଦୁଝର